# ସାବିତ୍ରୀ ବ୍ରତ

OdiaBooks.com



ସରସ୍ୱତୀ ବିଦ୍ୟାଭଣ୍ଡାର
ବାଦାମବାଡ଼ି, କଟକ-୯

# ସାବିତ୍ରୀ ବ୍ରତ

ବନ୍ଦଇ ଦେବ ନାରାୟଣ । ଅନାଦି ପରମ କାରଣ ॥
ଜଗତ ହିତେ ଦେହଧରି । ଧରାରେ ଧର୍ମ ରକ୍ଷାକରି ॥
ସକଳ ବ୍ରତର କାରଣ । ଶ୍ରୀକୃଷ୍ଣ ସ୍ୱୟଂ ଭଗବାନ ॥
କୃଷ୍ଣଙ୍କୁ ଯୁଧିଷ୍ଠିର ଦିନେ । ପଚାରିଲେ ସଖା ଆପଣେ ॥
କୁହ ହେ ଜଗତ ଗୋସାଇଁ । ଜଗତ ହିତେ ଦୟାବହି ॥
କି ବ୍ରତ କଲେ ନାରୀମାନେ । ହୋଇବେ ସୁଖୀ ସବୁଦିନେ ॥
ଶଙ୍ଖା ସିନ୍ଦୁର ବଜ୍ର ହେବ । କୋଳରେ ଶିଶୁ ଖେଳୁଥିବ ॥
ସୌଭାଗ୍ୟବତୀ ଧନବତୀ । ହେବେ ସେ ପତିବ୍ରତା ସତୀ ॥
ବୈଧବ୍ୟ ଦଶା ନ ଭୋଗିବେ । ମରଣେ ସ୍ୱର୍ଗପ୍ରାପ୍ତ ହେବେ ॥
ଧର୍ମରାଜଙ୍କ ବାକ୍ୟ ଶୁଣି । ହସି କହନ୍ତି ଚକ୍ରପାଣି ॥
ସଧବା ନାରୀମାନଙ୍କର । ସକଳ ବ୍ରତ ମଧ୍ୟେ ସାର ॥
ସାବିତ୍ରୀ ବ୍ରତ ଅଟେ ସେହି । ସେକଥା ଶୁଣ ମନଦେଇ ॥
ଜ୍ୟେଷ୍ଠ ମାସର କୃଷ୍ଣପକ୍ଷ । ଅମାବାସ୍ୟାକୁ କର ଲକ୍ଷ୍ୟ ॥
ସାବିତ୍ରୀ ଉଆଁସଟି ସେହି । ସେଦିନ ଏ ବ୍ରତ ହୁଅଇ ॥
ବ୍ରତର ଫଳ ସ୍ୱରୂପରେ । ଯେ ସୁଖ ମିଳଇ ମର୍ତ୍ତ୍ୟରେ ॥
ତାହାର ନାହିଁ ପଟାନ୍ତର । ହେ ଶୁଣ ପାଣ୍ଡବ ସତ୍ୱର ॥
ଏକଥା ଯୁଧିଷ୍ଠିର ଶୁଣି । କୃଷ୍ଣଙ୍କୁ ପଚାରିଲେ ପୁଣି ॥
ଏ ବ୍ରତ କେବେ କେଉଁନାରୀ । କି ଫଳ ପାଇଲେ ଆଚରି ॥
ଏକଥା ଶୁଣି ବେଣୁପାଣି । କହିଲେ ଅତୀତ କାହାଣୀ ॥
ମଦ୍ରଦେଶର ନରପତି । ତାହାଙ୍କ ନାମ ଅଶ୍ୱପତି ॥
କୌଶଲ୍ୟା ରାଣୀଙ୍କର ନାମ । ଧନଧାନ୍ୟରେ ରାଜ୍ୟପୂର୍ଣ୍ଣ, ॥
ପ୍ରଜାବତ୍ସଳ ଅଶ୍ୱପତି । ନ୍ୟାୟରେ ରାଇଜ ପାଳନ୍ତି ॥
ରାଜାରାଣୀଙ୍କ ବଡ଼ ଚିନ୍ତା । ନଥାଏ ପୁତ୍ର କି ଦୁହିତା ॥

କୋଳରେ ନଥିଲେ ସନ୍ତାନ । ପୂର୍ଣ୍ଣତା ନଲଭେ ଜୀବନ ॥
ରାଜାରାଣୀ ଯେ ଦୁଃଖେ ଥିଲେ । ଏଥକୁ ଉପାୟ ଚିନ୍ତିଲେ ॥
ସାଧୁ ପଣ୍ଡିତ ମତ ନେଲେ । ସାବିତ୍ରୀ ଯଜ୍ଞ ଆଚରିଲେ ॥
ଅଠର ବର୍ଷ ଅବିରତ । ଚାଲିଲା ହୋମାହୁତି ମନ୍ତ୍ର ॥
ପୂର୍ଣ୍ଣାହୁତିର ପୂର୍ବନିଶି । ସପନେ ରାଣୀହେଲେ ଖୁସି ॥
ସୁନ୍ଦରୀ ଝିଅଟିଏ କେହି । ମା' ମା' ବୋଲି ଡାକଦେଇ ॥
ରାଣୀଙ୍କ କୋଳେ ଖେଳୁଥିଲା । ସପନ ଶେଷେ ଚାଲିଗଲା ॥
ପ୍ରଭାତେ ରାଜାପାଶେ ରାଣୀ । କହିଲେ ଏସନ କାହାଣୀ ॥
ଉଭୟେ ଚିନ୍ତାମଗ୍ନ ଥାଇ । ଚଳିଲେ ପୂର୍ଣ୍ଣାହୁତି ପାଇଁ ॥
ଅନ୍ତିମ ଆହୁତି କାଳରେ । ଦିଶିଲେ ଯଜ୍ଞ ଅନଳରେ ॥
ଅପୂର୍ବ ଜ୍ୟୋତିର୍ମୟୀ ଦେବୀ । ତେଜରେ କମ୍ପିଲା ପୃଥିବୀ ॥
କହିଲେ ଶୁଣ ରାଜାରାଣୀ । ମୁଁ ଏହି ଯଜ୍ଞ ସ୍ୱରୂପିଣୀ ॥
ମୋ ନାମ ଅଟେ ଯେ ସାବିତ୍ରୀ । ହେବାକୁ ତୁମ ବରଦାତ୍ରୀ ॥
ନିର୍ଦ୍ଦେଶ ଦେଲେ ମୋତେ ସ୍ରଷ୍ଟା । ଧନ୍ୟ ତୁମର ଭକ୍ତିନିଷ୍ଠା ॥
ନିଜେ ମୁଁ ଅତ୍ୟନ୍ତ ପ୍ରସନ୍ନ । ସେ ଲାଗି କଲି ବରଦାନ ॥
ଲଭିବ ତୁମେ କନ୍ୟାରତ୍ନ । ପୁତ୍ରକୁ ନ କରିଣ ମନ ॥
ଶତପୁତ୍ରର ସୁଖଶିରୀ । ସେ କନ୍ୟା ଏକା ଦେବଭରି ॥
ଚକିତେ ପୂର୍ଣ୍ଣାହୁତି ସାରି । ଯେ ଯାହାଗୃହେ ଗଲେ ଚଳି ॥
ସପନ ଦେଖିଲେ ଯେ ରାଣୀ । ସେ ଥିଲା ସପନ କାହାଣୀ ॥
ଘଟିଲା ଯଜ୍ଞଶାଳେ ଯାହା । ଅସତ୍ୟ କେ କହିବ ତାହା ॥
ଯାଇଛି ଅଳ୍ପଦିନ ବିତି । ରାଣୀ ହୋଇଲେ ଗର୍ଭବତୀ ॥
ରାଜାଙ୍କୁ ଚାହିଁଦେଲେ ହସି । ପ୍ରୀତିର ଅମୃତ ବରଷି ॥
ଆସିଲା ମନେ ଆଶାକଲି । ମରୁରେ ମାରିଲା ବିଜୁଳି ॥
ଉଚିତ୍ ସମୟ ଅନ୍ତରେ । ସେ ଏକ ଅମୃତ ଲଗ୍ନରେ ॥
ସ୍ୱର୍ଗ ସୁନ୍ଦରୀ କନ୍ୟାରତ୍ନ । ରାଣୀଙ୍କ କୋଳେ ନେଲା ଜନ୍ମ ॥

www.OdiaBooks.com

ସାବିତ୍ରୀ ଯଜ୍ଞ ପୁଣ୍ୟଫଳେ । ସେ କନ୍ୟା ଜନମିଲା କୋଳେ ॥
ପିତାମାତା ଯେ ପାତ୍ରମନ୍ତ୍ରୀ । ତା ନାମ ରଖିଲେ ସାବିତ୍ରୀ ॥
ଶୁକ୍ଳ ପକ୍ଷର ଶଶୀପରି । ବଢ଼ିଲା ସାବିତ୍ରୀ କୁମାରୀ ॥
ଛୁଇଁଲା ଯେବେ ଯଉବନ । ପିତା ମାତା ଯେ ଚିନ୍ତାମଗ୍ନ ॥
ନିଖୋଜି କନ୍ୟା ପାଇଁ ବର । ଡକାଇ ଦେଲେ ସ୍ୱୟମ୍ବର ॥
ଆସିଲେ ଯେତେ ଯୁବରାଜ । ବାହୁଡ଼ିଗଲେ ପାଇ ଲାଜ ॥
ସାବିତ୍ରୀଙ୍କର ତେଜ ଜ୍ୟୋତି । ମନରେ ତାଙ୍କ ହେଲା ଭୀତି ॥
ନିଜକୁ ଅଯୋଗ୍ୟ ବିଚାରି । ଯେ ଯାହା ବାଟେ ଗଲେ ଫେରି ॥
ସ୍ୱୟମ୍ବର ଯେ ଭାଙ୍ଗିଗଲା । ଏ ବଡ଼ ପ୍ରମାଦ ହୋଇଲା ॥
ଉପାୟ ନପାରିଲେ ଜାଣି । ଚିନ୍ତାରେ ଥିଲେ ରାଜାରାଣୀ ॥
ଦିନେ ମାଣ୍ଡବ୍ୟ ଋଷିବର । ପ୍ରବେଶି ରାଜାଙ୍କ ନଅର ॥
କୁଶଳ ବାର୍ତ୍ତା ପଚାରିଲେ । ସକଳ ବିଷୟ ଶୁଣିଲେ ॥
ଉପାୟ ଏକ ଭାବିଚିନ୍ତି । କହିଲେ ଶୁଣ ଅଶ୍ୱପତି ॥
ନିଜର ସ୍ୱାମୀ ନିଜେ ବାଛି । କହିବ ତୁମକୁ ସାବିତ୍ରୀ ॥
ଦିଅ ବିହିତ ଅନୁମତି । ସାବିତ୍ରୀ ଖୋଜୁ ନିଜ ପତି ॥
ରାଜା ଯେ ଅନୁମତି ଦେଲେ । ବିହିତ ଆୟୋଜନ କଲେ ॥
ସଖୀମାନଙ୍କୁ ସଙ୍ଗେ ଧରି । ରଥରେ ଚଳିଲେ ସାବିତ୍ରୀ ॥
ଭ୍ରମି ନଗର ଗିରିବନ । ଦେଖିଲେ ରମ୍ୟ ତପୋବନ ॥
ସେ ତପୋବନ ଆଶ୍ରମରେ । ଋଷି ତପସ୍ୱୀ ଗ୍ରହଣରେ ॥
ଥିଲେ ଯୁବକ ଜଣେ କେହି । ଦେବ ସୁଲଭ ରୂପବହି ॥
ତପୋବନେ ସେ ତପୋଧନ । ତେଜରେ ସମ୍ଭ୍ରାନ୍ତ ଲକ୍ଷଣ ॥
ଦେଖି ସେ ଯୁବକ ମଣିକୁ । ପ୍ରୀତି ଛୁଇଁଲା ସାବିତ୍ରୀକୁ ॥
ଦେଲା ସେ ମନପ୍ରାଣ ବିକି । କହିଲା ଫେରିଚାଲ ସଖୀ ॥
ସର୍ବ ଶୁଭରେ ବାହୁଡ଼ିଲେ । ପ୍ରାସାଦେ ପ୍ରବେଶ ହୋଇଲେ ॥

ଏକାଳେ କରି ବୀଣାବାଦ୍ୟ । ପ୍ରବେଶ ହୋଇଲେ ନାରଦ ॥
ତାହାଙ୍କ ପାଦେ ଢାଳି ମତି । ନମିଲେ ରାଜା ଅଶ୍ୱପତି ॥
ସାବିତ୍ରୀ କଲେ ପ୍ରଣିପାତ । ନାରଦ ଦିଶିଲେ ଚିନ୍ତିତ ॥
କହିଲେ ଶୁଣ ଅଶ୍ୱପତି । ଉଚିତ ନୁହେଁ ତୁମ୍ଭ ନୀତି ॥
ଏହି ଯେ ବିଧିର ବିଧାନ । ଦେବାକୁ ହେବ କନ୍ୟାଦାନ ॥
ତୁରନ୍ତ ଦାନ ମହାପୁଣ୍ୟ । ହୁଅ ହେ ରାଜା ସାବଧାନ ॥
କହିଲେ ରାଜା ଯୋଡ଼ି ହାତ । ମୁନିଙ୍କୁ ସକଳ ବୃତ୍ତାନ୍ତ ॥
ସାବିତ୍ରୀ ହୋଇ ଲଜ୍ଜାନତ । ଜଣାଇ ଦେଲେ ନିଜ ମତ ॥
ନିମିଷ ମାତ୍ର ହୋଇ ସ୍ଥିର । ବିବ୍ରତ ହେଲେ ମୁନିବର ॥
କହିଲେ ପତି ନାହିଁ ବରି । ନିଜ ଦୁର୍ଭାଗ୍ୟ ଅଛୁ ବରି ॥
ଏବେ ବି ଅଛି ପ୍ରତିକାର । ସେ କଥା ମନୁ କରଦୂର ॥
ନୋହିଲେ ବରଷ ଅନ୍ତରେ । ଯିବ ସେ ସ୍ୱାମୀ ଯମପୁରେ ॥
ନିଶ୍ଚୟ ବିଧବା ହୋଇବ । ଏ ମୁନିବାକ୍ୟ ସତ୍ୟହେବ ॥
ଶୁଣି ଚଳିଲେ ଅଶ୍ୱପତି । ମୁନିଙ୍କୁ କରିଲେ ମିନତି ॥
ଫିଟାଇ କୁହ ହେ ମହର୍ଷି । ତୁମେ ତ ତିନିକାଳଦର୍ଶୀ ॥
କିଏ ଯେ ଅଟେ ସେ ଯୁବକ । କି ପ୍ରତିକାରେ ଯିବ ଦୁଃଖ ॥
ନାରଦ କହିଲେ ବୁଝାଇ । ଶୁଣ ହେ ରାଜା ମନଦେଇ ॥
ଶାଲ୍ୱ ଦେଶର ରାଜା ସେହି । ଦ୍ୟୁମତସେନ ନାମ ବହି ॥
ରାଣୀଙ୍କ ନାମ ମାଳବିକା । କରମ ବାମ ଭାଗ୍ୟ ବଙ୍କା ॥
ସେ ରାଜା ଚକ୍ଷୁ ହରାଇଲେ । ରାଜ୍ୟରୁ ବିତାଡ଼ିତ ହେଲେ ॥
ପୁତ୍ରର ନାମ ସତ୍ୟବାନ । କେ ବୋଲେ ପୁଣି ଚିତ୍ରସେନ ॥
ସର୍ବ ଲକ୍ଷଣେ ସୁପୁରୁଷ । ମାତ୍ର ଯେ ତା'ର ଅଳ୍ପାୟୁଷ ॥
ଆଜିଠୁ ମାତ୍ର ଏକବର୍ଷ । ରହିଛି ତାହାର ଆୟୁଷ ॥
ଆୟୁଷ ଯେବେ ଯିବ ପୁରି । କିହେବ ପ୍ରତିକାର କରି ॥

www.OdiaBooks.com

ଶୁଣ ହେ ରାଜା ଅଶ୍ୱପତି । ତାହାକୁ ବରିଛି ସାବିତ୍ରୀ ॥
ରାଜାଙ୍କ ମଥା ଗଲା ଘୁରି । ଝିଅକୁ କହିଲେ ସେ ଧରି ॥
ଜାଣୁ ଜାଣୁ ମୁଁ ତୋ ସିନ୍ଦୁର । ସିଦ୍ଧାନ୍ତ କର ଅନ୍ୟବର ॥
ଏଥିକୁ କର ପ୍ରତିକାର । ସିଦ୍ଧାନ୍ତ କର ଅନ୍ୟବର ॥
ନାରଦ ମୁନିଙ୍କୁ ସାବିତ୍ରୀ । କହିଲେ ଶୁଣ ମୋ ନିଷ୍ପତ୍ତି ॥
ମନରେ ଯାହାଙ୍କୁ ବରିଛି । ତାଙ୍କୁ ମୁଁ ସ୍ୱାମୀ ବିଚାରିଛି ॥
ମାତ୍ରକ ଅଛି ଲୋକାଚାର । ମୁଁ ହେବି କନ୍ୟା ସିଏ ବର ॥
ଅନ୍ୟ ପୁରୁଷେ ମନ ଦେଲେ । ଦୋଚାରୁଣୀ ମୁଁ ହେବି ଭଲେ ॥
ବିଧବା ପଛେ ହେବି ମୁହିଁ । ଅସତୀ କେବେ ହେବିନାହିଁ ॥
ସାବିତ୍ରୀ ବାକ୍ୟ ଶୁଣି ଯତି । ହୋଇଲେ ଆନନ୍ଦିତ ଅତି ॥
କହିଲେ ହୁଅ ମହାସତୀ । ଜଗତେ ରହୁ ସତୀ ଖ୍ୟାତି ॥
ଶୁଣ ହେ ରାଜା ଅଶ୍ୱପତି । ଅନ୍ୟରେ ନ ବଳାଅ ମତି ॥
ସାବିତ୍ରୀ ସଙ୍ଗେ ସତ୍ୟବାନ । କର ବିବାହ ଆୟୋଜନ ॥
ସର୍ବକୁଶଳେ ଥାଅ ରହି । ନାରଦ ଗଲେ ଦୂର ହୋଇ ॥
ଶୁଭ ଲଗ୍ନରେ ଆନନ୍ଦରେ । ସତ୍ୟବାନଙ୍କ ସଙ୍ଗତରେ ॥
ସାବିତ୍ରୀଙ୍କର ହସ୍ତଗଣ୍ଠି । ପଡ଼ିଲା ଧର୍ମ ସାକ୍ଷୀ ରଖି ॥
ବିତାଇ ତହିଁ କେତେ ଦିନ । ସାବିତ୍ରୀ ସଙ୍ଗେ ସତ୍ୟବାନ ॥
ଗୁରୁଜନଙ୍କୁ ପ୍ରଣମିଲେ । ବନ ପଥରେ ଚଳିଗଲେ ॥
ଶାଶୁ ଶ୍ୱଶୁର ସେବା କରି । ସ୍ୱାମୀ ସଙ୍ଗତେ ସୁକୁମାରୀ ॥
ଆନନ୍ଦେ ଦିନ ବିତାଇଲେ । ସ୍ନେହ ପ୍ରେମରେ ବୁଡ଼ିଗଲେ ॥
ଏମିତି କିଛିଦିନ ଗଲା । ଶେଷ ସମୟ ଆସି ହେଲା ॥
ନାରଦ ଯାହା କହିଥିଲେ । ସାବିତ୍ରୀ ମନେ ରଖିଥିଲେ ॥
ରହିଲା ଆଉ ଚାରିଦିନ । ମୃତ୍ୟୁ ଲଭିବେ ସତ୍ୟବାନ ॥
ସତୀ ନାରୀର ପ୍ରଭୁ ସାହା । ବିପଦେ ବନ୍ଧୁ ଚଉବାହା ॥

ସୂର୍ଯ୍ୟ ଚନ୍ଦ୍ରମା ନବଗ୍ରହ । ମାଗନ୍ତି ଯାର ଅନୁଗ୍ରହ ॥
ସେ ପ୍ରଭୁ ଜୀବର ରକ୍ଷକ । ଜନ୍ମ ମରଣ ନିୟନ୍ତ୍ରକ ॥
ଚିତ୍ତେ ସାବିତ୍ରୀ କରି ଧ୍ୟାନ । ପୂଜିଲେ ଲକ୍ଷ୍ମୀ ନାରାୟଣ ॥
ବଣରୁ ଫଳମୂଳ ଆଣି । ସାବିତ୍ରୀ ଛଡ଼ାଇଲେ ପାଣି ॥
ଦେଲେ ସେ ବ୍ରାହ୍ମଣ ଭୋଜନ । ଦାନ ଦକ୍ଷିଣା ବିଧିମାନ ॥
ସପରିବାରେ ଭୁଞ୍ଜାଇଲେ । ନିଜେ ସେ ଉପବାସେ କଲେ ॥
ତୁଣ୍ଡେ ଉଚ୍ଚାରି ପ୍ରଭୁନାମ । ଦେଲେ ବିତାଇ ତିନିଦିନ ॥
ହୋଇଲା ଜ୍ୟେଷ୍ଠ ଅମାବାସ୍ୟା । ସାବିତ୍ରୀ ମୁଖେ ନାହିଁ ଭାଷା ॥
କୁଠାର ହସ୍ତେ ସତ୍ୟବାନ । କହିଲେ ବନେ ଯିବି ଜାଣ ॥
ସଂଗ୍ରହ କଲେ କାଠଭାର । ଚଳିବ ସିନା ଏ ସଂସାର ॥
କହିଲେ ସାବିତ୍ରୀ ବୁଝାଇ । ଏକାକୀ ଆଜି ଯାଅ ନାହିଁ ॥
ଆଦେଶ କର ଏ ଦାସୀରେ । ଯିବାକୁ ତୁମ ସଙ୍ଗତରେ ॥
ହସି କହିଲେ ସତ୍ୟବାନ । ବଡ଼ ଦୁର୍ଗମ ଘୋର ବନ ॥
ଉପାସେ ତୁମେ ଅଛ ରହି । ଯିବାକୁ ତୁମ ଶକ୍ତି ନାହିଁ ॥
କହିଲେ ସାବିତ୍ରୀ ବୁଝାଇ । ତୁମେ ଶରୀର ମୁଁ ଯେ ଛାଇ ॥
ଶରୀର ମଧ୍ୟେ ଶକ୍ତି ଥାଏ । ଛାଇ ତା’ ସାଥେ ସାଥେ ଯାଏ ॥
ନୀରବ ହେଲେ ସତ୍ୟବାନ । ମଉନେ ସମ୍ମତି ଲକ୍ଷଣ ॥
ଶାଶୁ ଶ୍ୱଶୁର ଆଜ୍ଞା ନେଇ । ସାବିତ୍ରୀ ଗଲେ ସାଥି ହୋଇ ॥
ଘୋର ବନରେ ସତ୍ୟବାନ । କରିଲେ ବୃକ୍ଷ ଆରୋହଣ ॥
କାଠ ହାଣିବା ସରି ନାହିଁ । ଆସିଲେ ବୃକ୍ଷରୁ ଓହ୍ଲାଇ ॥
କହିଲେ ଶୁଣ ପ୍ରାଣସହି । ମଥା ମୋ ଦେଉଛି ଘୂରାଇ ॥
ଦିଶୁଛି ସବୁ ଅନ୍ଧକାର । ଚାଲିବା ଶକ୍ତି ନାହିଁ ମୋର ॥
ଶୁଣି ସାବିତ୍ରୀ ହେଲେ ବ୍ୟସ୍ତ । ଭୂମିରେ ପାରିଲେ ପଣତ ॥
ସ୍ୱାମୀଙ୍କ ମଥା କୋଳେ ରଖି । ବସି ନିମିଷେ ଗଲେ ଶଙ୍କି ॥

www.OdiaBooks.com

ସହଜେ ଘୋରବନ ସେହି । ସାହା ଭରସା ନାହିଁ କେହି ॥
ହେବ କି ମୁନିବାକ୍ୟ ସତ । ହେବ କି ଶୂନ୍ୟ ଏ ସୀମନ୍ତ ॥
ଏକାଳେ ଶୁଣି ସତ୍ୟବାନ । ନୀରବେ ମୁଦିଲେ ନୟନ ॥
ଡାକିଲେ ନଦେଲେ ଉତ୍ତର । ନାହିଁ ଲକ୍ଷଣ ଜୀବନର ॥
ସାବିତ୍ରୀ କରିଲେ ରୋଦନ । କମ୍ପିଲା ବିଜନ କାନନ ॥
ସ୍ୱାମୀଙ୍କ ଗୁଣ ନ ବାହୁନି । ଡାକିଲେ ରଖ ଚକ୍ରପାଣି ॥
ଏକାଳେ ଦେବ ମୂର୍ତ୍ତିଟିଏ । ହୋଇଲେ ଉଭା ଛାୟା ପ୍ରାୟେ ॥
ଚକିତେ ସାବିତ୍ରୀ ଚାହିଁଲେ । କିଏ ସେ ବୋଲି ପଚାରିଲେ ॥
କହିଲେ ଜ୍ୟୋତିର୍ମୟ ମୂର୍ତ୍ତି । ମୁଁ ଅଟେ ନିଜେ ଜନ୍ତୁପତି ॥
ଯମ ମୁଁ ମୃତ୍ୟୁର ଦେବତା । ଅସହ୍ୟ ମୋର ନିଷ୍ଠୁରତା ॥
ପଠାଇ ମୋର ଦୂତଗଣ । ନିଏ ମୁଁ ତାକୁ ତତକ୍ଷଣ ॥
ଯେହେତୁ ତୁମେ ମହାସତୀ । କୋଳେ ଧରିଛ ମୃତ ପତି ॥
ତୁମକୁ ଡରି ଦୂତ ମୋର । ବାହୁଡ଼ିଗଲେ ମୋର ପୁର ॥
ସତ୍ୟବାନର ପ୍ରାଣ ପାଇଁ । ଆସିଛି ଏବେ ନିଜେ ମୁହିଁ ॥
ଆୟୁଷ ତା'ର ହେଲା ଶେଷ । ନେବାରେ ମୋର ନାହିଁ ଦୋଷ ॥
ସାବିତ୍ରୀ କରିଲେ ମିନତୀ । ଦୟାକର ହେ ଜନ୍ତୁପତି ॥
ସ୍ୱାମୀଙ୍କ ପ୍ରାଣ ଗଲେ ନେଇ । ବଞ୍ଚିବି କାହାକ ମୁଖ ଚାହିଁ ॥
ଯମ କହିଲେ ଶୁଣ ସତୀ । ଜନ୍ମ ଥିଲେ ତ ମୃତ୍ୟୁ ଅଛି ॥
ସହଜେ ମୃତ୍ୟୁଦେବ ମୁହିଁ । ଦୟାର ମାନେ ନ ଜାଣଇ ॥
ସତ୍ୟବାନଙ୍କ ପ୍ରାଣ ନେଇ । ଗଲେ ଯେ ଯମ ଦୂର ହୋଇ ॥
ଫେରି ଚାହିଁଲେ ଖଣ୍ଡେ ଦୂରେ । ସବିତ୍ରୀ ଆସନ୍ତି ପଛରେ ॥
ଯମ କହିଲେ ହେଲ ବାଇ । ବୃଥାରେ ଆସ କାହିଁପାଇଁ ॥
ସାବିତ୍ରୀ କହିଲେ ଗୋସାଇଁ । ସ୍ୱାମୀଙ୍କ ପଥେ ଯାତ୍ରୀ ମୁହିଁ ॥
ସତୀ ନାରୀ ମୁଁ ପତିବ୍ରତା । ନାହିଁ ମୋ ଆଉ ଅନ୍ୟ ରାସ୍ତା ॥

OdiaBooks.com

ତୁମେ ତ ନିଜେ ଧର୍ମରାଜ । ଏତିକି କଥା ମନେ ହେଜ ॥
ଯମ କହିଲେ ଶୁଣ ସତୀ । ସନ୍ତୁଷ୍ଟ ହେଲି ତୁମ ପ୍ରତି ॥
ସତ୍ୟବାନର ପ୍ରାଣବିନା । ଯେ ବର ମାଗ ହେବ ଘେନା ॥
ସାବିତ୍ରୀ ମାଗିନେଲେ ବର । ଅନ୍ଧ ଅଟନ୍ତି ମୋ ଶ୍ୱଶୁର ॥
ଲଭନ୍ତୁ ଦୃଷ୍ଟିଶକ୍ତି ସେହି । ମାଗୁଛି ଏହି ବର ମୁହିଁ ॥
ତଥାସ୍ତୁ କହି ଯମ ଧୀରେ । ଚଳିଲେ ମଇଁଷି ପିଠିରେ ॥
ଦେଖିଲେ କିଛିଟବାଟ ଯାଇ । ସାବିତ୍ରୀ ପିଛା ଛାଡୁନାହିଁ ॥
କହିଲେ ଯମ ଦେଲି ବର । ପୁଣି କମ୍ପାଇଁ ପିଛାକର ॥
ସାବିତ୍ରୀ କହିଲେ ଗୋସାଇଁ । କି ପୁଣ୍ୟ କରିଥିଲି ମୁହିଁ ॥
ଦେଖିଲି ତୁମକୁ ନୟନେ । ଧନ୍ୟ ହୋଇଲି ଏ ଜୀବନେ ॥
ତୁମକୁ ଛାଡ଼ି ଯିବା ପାଇଁ । ମନ ତ ମୋର ବଳୁ ନାହିଁ ॥
ସେ ପାଇଁ ଚାଲିଛି ମୁଁ ପଛେ । ଦୋଷ ଦେଉଛ କିମ୍ପା ମିଛେ ॥
ଶୁଣି ଆନନ୍ଦେ ଯମଦେବ । କହିଲେ ଆନବର ମାଗ ॥
ସତ୍ୟବାନର ପ୍ରାଣ ବିନା । ଯେ ବର ମାଗ ହେବ ଘେନା ॥
ସାବିତ୍ରୀ କହିଲେ ହେ ଦେବ । ଶ୍ୱଶୁରେ ହେଉ ରାଜ୍ୟ ଲାଭ ॥
ତଥାସ୍ତୁ କହି ଯମ ଗଲେ । ସାବିତ୍ରୀ ପୁଣି ପିଛା କଲେ ॥
ପଛକୁ ପୁଣି ଚାହିଁ ଯମ । କହିଲେ ଏ ବଡ଼ ବିଷମ ॥
ଦେଲି ତୁମକୁ ବେନି ବର । କାହିଁକି ପୁଣି ପିଛା କର ॥
ବିନୟେ କହିଲେ ସାବିତ୍ରୀ । ତୁମେ ଯେ ନ୍ୟାୟବନ୍ତ ଅତି ॥
ନ୍ୟାୟ ତ ଦେଲ ନାହିଁ ମୋତେ । ତୁମ୍ଭଙ୍କୁ ଛାଡ଼ିବି କେମନ୍ତେ ॥
ଶ୍ୱଶୁର ସିନା ହେବେ ସୁଖୀ । ପିତା ଯେ ମୋର ବଡ଼ ଦୁଃଖୀ ॥
ଦୁହିତା ଦୁଇକୂଳେ ହିତା । ସେ ପାଇଁ ମୋର ବଡ଼ ଚିନ୍ତା ॥
ତାଙ୍କ ଔରସୁ ଶତପୁତ୍ର । ଜନ୍ମ ରଖନ୍ତୁ ବଂଶର ଗୋତ୍ର ॥
ମାଗୁଛି ଏହି ବର ମୁହିଁ । ବିଚାର ନ୍ୟାୟ ଧର୍ମ ଚାହିଁ ॥

www.OdiaBooks.com

ପିତା ଶ୍ୱଶୁର ଦୁହେଁ ଏକା । ମାଗୁଛି ତେଣୁ ଏହି ଭିକ୍ଷା ॥
ତଥାସ୍ତୁ କହି ଯମ ଗଲେ । ସାବିତ୍ରୀ ନଛାଡ଼ନ୍ତି ଭଲେ ॥
ପୁଣି ଚାଲିଲେ ପଛେ ପଛେ । ଛାୟା ଯେମିତି କାୟା ସାଥେ ॥
ପଛକୁ ଚାହିଁ ଯମରାଜା । କହିଲେ ଏବେ ଯା' ଫେରିଯା ॥
ସତୀତ୍ୱ ବଳେ ଏତେ ପଥ । ଆସିଲ ତୁମ୍ଭେ ଏହା ସତ୍ୟ ॥
ଏପାରି ଶେଷ ସୀମା ଏହି । ତୁମେ ତ ହେଲ ନରଦେହୀ ॥
ସେପାରି ସୀମା ଛୁଇଁବାକୁ । କେହି ଯେ ନ ଦେବେ ତୁମକୁ ॥
ଏଠାରୁ ହେବି ଅନ୍ତର୍ଦ୍ଧାନ । ସେପାରି ଅଟେ ମହାଶୂନ୍ୟ ॥
ପାଇବ ନାହିଁ ଆଉ ମୋତେ । ଫେରିଯା ସତୀ ନିଜ ପଥେ ॥
ସାବିତ୍ରୀ କହିଲେ ଠାକୁରେ । କି ଲାଭ ଏହି ଜୀବନରେ ॥
ବୁଝେନା ଏପାରି ସେପାରି । କାହିଁକି ଅବା ଯିବି ଫେରି ॥
ସୂର୍ଯ୍ୟଙ୍କ ପୁତ୍ର ତୁମେ ନିଜେ । ଦିଅ ହେ ଜାଳି ତୁମ ତେଜେ ॥
ନହେଲେ ହୋଇବ ପ୍ରଘଟ । ଆଣିଲ ତୁମେ ଏତେ ବାଟ ॥
ଗୋଟିକୁ ଗୋଟି ବର ଦେଇ । ମାୟାରେ ଆଣିଲେ କଢ଼ାଇ ॥
ଅବଳା ପ୍ରତି ଅବିଚାର । ନୁହେଁ ତ ଉଚିତ ବେଭାର ॥
ଶୁଣି ବିଚାର କଲେ ଯମ । ଏକଥା ହେଲାଣି ବିଷମ ॥
କହିଲେ ଶୁଣ ନାରୀବର । ଚତୁର୍ଥ ବର ମାଗିପାର ॥
ସତ୍ୟବାନର ପ୍ରାଣ ବିନା । ଯାହା ମାଗିବ ହେବ ଘେନା ॥
ଆଉ ମୁଁ କିଛି ନ ଶୁଣିବି । ତୁରନ୍ତ ମାଗ ଚାଲିଯିବି ॥
ଯମ ଯେ ହେଲେ ତରବର । ସାବିତ୍ରୀ ମାଗିଦେଲେ ବର ॥
ସ୍ୱାମୀଙ୍କ ଔରସରୁ ମୋର । ହୁଅନ୍ତୁ ଶହେଟି କୁମର ॥
ତଥାସ୍ତୁ ବୋଲି ଯମ କହି । ଚାଲିଲେ ଆଗକୁ ମୁହାଁଇ ॥
ପଛରେ ଧାଇଁଲେ ସାବିତ୍ରୀ । ଚକିତ ହେଲେ ଯମ ଦେଖି ॥
କ୍ରୋଧରେ କହିଲେ ବଚନ । ସରିଛି ମୋର ବରଦାନ ॥
ବୃଥାରେ ଆସ କାହିଁପାଇଁ । ମୋଠାରେ ପ୍ରୟୋଜ ନାହିଁ ॥

କହୁଛି ଶେଷକଥା ମୋର । ତୁରନ୍ତ ଫେରିଯାଅ ଘର ॥
ମୋ କଥା କରିଲେ ଅମାନ୍ୟ । ଭୋଗିବ ତା'ର ପରିଣାମ ॥
ବିନୟେ ସାବିତ୍ରୀ କହିଲେ । ମୋ କଥା ଶୁଣ ଟିକେ ଭଲେ ॥
ତୁମେ ଯେ ସଞ୍ଜମୀ ପୁରୁଷ । ଶୋଭେନା ତୁମଠାରେ ରୋଷ ॥
ନିଜ ବଚନ ନିଜେ ଭୁଲି । କହୁଛ ଯିବାପାଇଁ ଚାଲି ॥
ସତ୍ୟ ହାରିବ ତୁମେ ଯେବେ । କି ଯଶ ଅରଜିବ ତେବେ ॥
ସ୍ୱାମୀଙ୍କ ଔରସରୁ ମୋର । ଜନ୍ମନେବେ ଶହେ କୁମର ॥
ଏ ବର ତୁମେ ତ ଦେଇଛ । ସ୍ୱାମୀଙ୍କ ପ୍ରାଣ ନେଉଅଛ ॥
ମୁଁ ଯେ ଅଟଇ ସତୀନାରୀ । ସମ୍ଭବ ହୋଇବ କିପରି ॥
ବରିବି କିବା ଆନପତି । ଉତ୍ତର ଦିଅ ଜନ୍ତୁପତି ॥
ଯମ ଯେ ହୋଇଲେ ଚକିତ । କେମିତି ହାରିବେ ଯେ ସତ୍ୟ ॥
ସେହି ସତ୍ୟର ରକ୍ଷା ପାଇଁ । ଯମ ଯେ ନିରୁପାୟ ହୋଇ ॥
କହିଲେ ସାବିତ୍ରୀଙ୍କୁ ଚାହିଁ । ତୁମର ଜୟ ଅଛି ହୋଇ ॥
ତୁମର ସତୀତ୍ୱ ବଳରେ । ଜିତିଲ ଏ ମହୀ ତଳରେ ॥
ବିଷ୍ଣୁ ଯେମିତି ମାୟାବଳେ । ମୋହିତ କରନ୍ତି ସକଳେ ॥
ସେମିତି ସତୀତ୍ୱ ମାୟାରେ । ମୋହିତ ହେଲି ତୁମଠାରେ ॥
ପରୋକ୍ଷେ ସତ୍ୟବାନ ପ୍ରାଣ । ତୁମେତ ମାଗିନେଲ ଜାଣ ॥
ମୁଁ ଯେ ନିଷ୍ଠୁର କାଳଯମ । ଲଙ୍ଘିଲା ବିଧିର ନିୟମ ॥
ତୁମର ସତୀତ୍ୱକୁ ଧନ୍ୟ । ହେଲି ମୁଁ ଅତ୍ୟନ୍ତ ପ୍ରସନ୍ନ ॥
ଖୋଲିଲି ଚର୍ମ୍ମପାଶ ମୋର । ଦୀର୍ଘାୟୁ ବୋଲି ଦେଲି ବର ॥
ନିଦ୍ରାରୁ ଯେମିତି ଉଠନ୍ତି । ଉଠି ବସିବେ ତୁମ ପତି ॥
ସତ୍ୟବାନଙ୍କ ମର ଦେହେ । ପ୍ରାଣ ଭରିବି ପୁନରାୟେ ॥
ସେ ସ୍ଥାନେ ଯାଅ ବେଗେ ଚଳି । ସ୍ୱାମୀଙ୍କୁ ନିଅ କୋଳେତୋଳି ॥
ସତୀ ପତ୍ନୀର ପରଶରେ । ରୋପିବି ପ୍ରାଣ ଶରୀରରେ ॥
ଏ ତୁମ ଅମର କାହାଣୀ । ଯୁଗକୁ ଯୁଗ ଥିବ ପୁଣି ॥

www.OdiaBooks.com

ସତୀତ୍ୱ ପତିବ୍ରତା ଶକ୍ତି । ମୃତ୍ୟୁକୁ ଗଲା ଆଜି ଜିତି ॥
ଯମ ଯେ ହେଲେ ଅନ୍ତର୍ଦ୍ଧାନ । ସାବିତ୍ରୀ କରିଲେ ପ୍ରଣାମ ॥
ଫେରିଲେ ମୃତ ସ୍ୱାମୀପାଶେ । କୋଳକୁ ଆଣିଲେ ସନ୍ତୋଷେ ॥
ସତେକି କାଉଁରୀ ପରଶେ । ଜହ୍ନକି ଉଠିଲା ଉଆସେ ॥
ସତେକି ନିଦରୁ ଉଠିଲେ । କହିଲେ ସ୍ୱପ୍ନ ଦେଖୁଥିଲେ ॥
ସେମିତି ଉଠି ସତ୍ୟବାନ । ନିରେଖି ସାବିତ୍ରୀ ବଦନ ॥
କହିଲେ ଏତେବେଳ ମୁହିଁ । ଶୋଇ ରହିଲି କାହିଁପାଇଁ ॥
ନପାଇ ଆମର ବାରତା । କ କରୁଥିବେ ପିତାମାତା ॥
ଆମ୍ଭର ପଥେ ସୁକୁମାରୀ । ଆସ ମୋ ବାମକର ଧରି ॥
ଏ ବନ ମୋର ପରିଚିତ । ପଥ ଯେ ହେବ ଅନୁମିତ ॥
ସାବିତ୍ରୀ କହିଲେ ହେ ନାଥ । ଆଜି ମୋ ପଥ ଆଲୋକିତ ॥
ତୁମେ ମୋ ସୀମନ୍ତରେ ଜହ୍ନ । ଚାନ୍ଦିନୀ ତୁମେ ମନବନ ॥
ଏ ବନେ ନାହିଁ ତେଣୁ ଭୟ । ମୋ ପାଇଁ ନହୁଅ ଅଥୟ ॥
ତୁମକୁ ପାଇଛି ମୁଁ ଫେରି । ଆଉ କାହାକୁ ଯିବି ଡରି ॥
ସେ ବନ ପଥରେ ଦମ୍ପତି । ଚଲିଲେ ଆନନ୍ଦରେ ଅତି ॥
ପ୍ରବେଶ ହେଲେ ଆଶ୍ରମରେ । ଆଶ୍ରମେ ଆନନ୍ଦ ଯେ ଝରେ ॥
ରାଜ୍ୟ ପ୍ରାପ୍ତିକୁ ଚକ୍ଷୁ ପ୍ରାପ୍ତି । ଦ୍ୟୁମତସେନ ତୋଷ ଅତି ॥
ପୁଅ ବୋହୂଙ୍କୁ ଦେଖିପାରି । ଆନନ୍ଦେ ଲୁହ ଗଲା ଝରି ॥
ଆଶ୍ରମବାସୀ ଗଲେ ଘେରି । ବୁଝିଲେ ସମସ୍ତେ ପଚାରି ॥
ସାବିତ୍ରୀ କହିଲେ ବୁଝାଇ । ଯମଙ୍କ ବରଦାନ ଏହି ॥
କହିଲେ ସକଳ ବୃତ୍ତାନ୍ତ । ସଭିଏଁ ହୋଇଲେ ଚକିତ ॥
ଧନ୍ୟ ସାବିତ୍ରୀ ଧନ୍ୟ ବୋଲି । ଆଶ୍ରମ ଉଠିଲା ଉଚ୍ଛୁଳି ॥
ତହୁଁ ରାଜ୍ୟକୁ ଫେରିଗଲେ । ଦ୍ୟୁମତସେନ ରାଜା ହେଲେ ॥
ଯୁବରାଜ ସେ ସତ୍ୟବାନ । କିଣିଲେ ପ୍ରଜାକୂଳ ମନ ॥
ରାଜ୍ୟବାସୀ ଏ ହେଲେ ଗୁଣୀ । ସାବିତ୍ରୀ ଅମର କାହାଣୀ ॥

ଏମିତି କିଛିଦିନ ଗଲା । ଜ୍ୟେଷ୍ଠ ମାସର ଅମାହେଲା ॥
ସୁମରି ଲକ୍ଷ୍ମୀ ନାରାୟଣ । ସାବିତ୍ରୀ କରିଲେ ବିଧାନ ॥
ପ୍ରଭାତୁ ସ୍ନାହାନ ସାରିଲେ । ଘର ଅଗଣା ଶୌଚ କଲେ ॥
ନଡ଼ିଆ କଦଳୀ ଖଜୁରୀ । ଆମ୍ବ ପରସ ଡାଲା ଭରି ॥
ବିଭିନ୍ନ ପ୍ରକାର ଫଳରେ । ଭୋଗ ବାଢ଼ିଲେ ଭକ୍ତିଭରେ ॥
ଦୁବରେ ବରକୋଳି ପତ୍ର । ରଚିଲେ ସାତକେରି ମାତ୍ର ॥
ହଳଦୀ ରଙ୍ଗେ ନବସୁତା । ସାତ ଖିଅରେ କଲେ ଗୁନ୍ଥା ॥
ଭିଡ଼ିଲେ ଗଣ୍ଠି ସାତଗୋଟି । ଲକ୍ଷ୍ମୀ ନାରାୟଣେ ସମର୍ପି ॥
ଦକ୍ଷିଣ ବାହୁରେ ବାନ୍ଧିଲେ । ଅଭୟ ବାହୁଟିର ତୁଲେ ॥
ଶଙ୍ଖା ସିନ୍ଦୁର ନୂଆ ଶାଢ଼ୀ । ବିପ୍ରେ ଗାୟତ୍ରୀ ମନ୍ତ୍ର ପଢ଼ି ॥
ଦେଲେ ଯେ ତାହା ମନ୍ତୁରାଇ । ସାବିତ୍ରୀ ଅଙ୍ଗେ ଶୋଭା ପାଇ ॥
ସ୍ୱାମୀ ସମେତ ଗୁରୁଜନେ । ପ୍ରଣାମ କରି ଶୁଦ୍ଧମନେ ॥
ସଭିଙ୍କୁ ପ୍ରସାଦ ବାଣ୍ଟିଲେ । ସୁଚିତ୍ତେ ଫଳ ଆହାରିଲେ ॥
ଏ ବ୍ରତ ଆଚରେ ଯେ ସତୀ । ହୋଇଲେ ଶତ ପୁତ୍ରବତୀ ॥
ଲଭିଲେ ଅଷ୍ଟ ଅଇଶ୍ୱର୍ଯ୍ୟ । ଜୀବନ କଲେ ଉପଭୋଗ ॥
ବାହୁଡ଼ି ଶଙ୍ଖା ସିନ୍ଦୁରରେ । ବାସ ଲଭିଲେ ସ୍ୱର୍ଗପୁରେ ॥
ସଧବା ନାରୀ କେହି ତେବେ । ଏ ବ୍ରତ ଆରମ୍ଭିଲେ ଯେବେ ॥
ସାବିତ୍ରୀ ପରି ଭାଗ୍ୟବତୀ । ହୋଇ ସେ ଲଭିବେ ସୁଖ୍ୟାତି ॥
କୃଷ୍ଣଙ୍କ ମୁଖୁ ଏହାଶୁଣି । ଯୁଧିଷ୍ଠିର ଯେ ଯୋଡ଼ିପାଣି ॥
ଭକ୍ତିରେ କଲେ ପ୍ରଣିପାତ । ସଂସାରେ ଖ୍ୟାତ ହେଲା ବ୍ରତ ॥
ସାବିତ୍ରୀ କଥା ବ୍ରତ ଏହି । ସର୍ବେ ଶୁଣିବେ ମନଦେଇ ॥
ସୁମରି ଲକ୍ଷ୍ମୀ ନାରାୟଣ । ହୁଳହୁଳି ଯେ ଦେବେ ଜାଣ ॥
ସାବିତ୍ରୀ ବ୍ରତ କଥା ଶେଷ । ପଠନେ ଶ୍ରବଣେ ସନ୍ତୋଷ ॥
ଚିତ୍ତ ନିବେଶି ବିଷ୍ଣୁପାଦେ । ବୁଦ୍ଧିଆ କହେ ଗୀତଛନ୍ଦେ ॥

**ସମାପ୍ତ**

www.OdiaBooks.com

ସରସ୍ୱତୀ ବିଦ୍ୟା ଭଣ୍ଡାର

ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ସାମ୍ନା, କଟକ-୯